Rediffusion/Edelman

| Published Date: | 5 Sept 2017 | Publication: | Paryabekhyak |
|---|---|---|---|
| Edition: | Bhubaneshwar | Page No: | 08 |

# ସେପ୍ଟେମ୍ବର ୧୯ରେ ଭୁବନେଶ୍ୱର ସଂସ୍କରଣ ଟିସିଏସ୍ ଆଇଟି ୱିଜ୍ ୨୦୧୭

## ବିଦ୍ୟାଳୟ ନିମନ୍ତେ ଭାରତର ସର୍ବବୃହତ୍ ଟେକ୍ କ୍ୱିଜ୍ ସାରା ଦେଶର ୧୨ଟି ସହରରେ ଅନୁଷ୍ଠିତ ହେବ

ଭୁବନେଶ୍ୱର, ୪।୯(ପି.ଏନ): ପ୍ରମୁଖ ଆଇଟି ସର୍ଭିସେସ୍, କନ୍‌ସଲ୍‌ଟିଂ ଏବଂ ବ୍ୟବସାୟ ସମାଧାନକାରୀ ସଂସ୍ଥା, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ଘୋଷଣା କରିଛି ଯେ ସେପ୍ଟେମ୍ବର ୧୯ ତାରିଖ, ମଙ୍ଗଳବାର, ଭୁବନେଶ୍ୱର ଜୟଦେବ ବିହାର ରୋଡ୍‌ସ୍ଥିତ ପାଲ୍ ହାଇଟ୍ସ, ଜୋ୭ରେ ବିଦ୍ୟାଳୟ ପାଇଁ ଭାରତର ସର୍ବବୃହତ ଟେକ୍ନୋଲୋଜି କ୍ୱିଜ୍- ଟିସିଏସ୍ ଆଇଟି ୱିଜ୍ ୨୦୧୭ ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହେବ। ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ୨ ସଦସ୍ୟ ବିଶିଷ୍ଟ ସର୍ବାଧିକ ୧୫ଟି ଟିମ୍ ପଠାଇ ପାରିବେ। ଏଥିପାଇଁ କୌଣସି ପ୍ରବେଶ ଫି' ଦେବାକୁ ପଡ଼ିବ ନାହିଁ। ଟିସିଏସ୍ ଆଇଟି ୱିଜ୍-୨୦୧୭ ଭାରତର ୧୨ଟି ସ୍ଥାନ- ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲ୍‌କାତା, ମୁମ୍ବାଇ, ନାଗପୁର ଓ ପୁନେରେ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଷ୍ଠାନ ମାଧ୍ୟମରେ କାଳି ପ୍ରସାଦ ତ୍ରିପାଠୀ, ଟିସିଏସ୍ ଆଇଟି ୱିଜ୍ କୋଅର୍ଡିନେଟର, ଆଇଟି/ ଆଇଟିଇଏସ୍ ଏସ୍‌ଇଜେଡ୍, ପ୍ଲଟ୍ ନମ୍ବର-୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪କୁ ସେପ୍ଟେମ୍ବର ୧୪ ସୁଦ୍ଧା ଆବେଦନ ପତ୍ର ପଠାଇବାକୁ ପଡ଼ିବ। ସବିଶେଷ ତଥ୍ୟ ଜାଣିବା ପାଇଁ ମୋବାଇଲ୍ ନମ୍ବର: ୯୨୩୮୩୦୧୯୫୦କୁ କଲ୍ ପାରିବେ ବା www.tcsitwiz.com ମାଧ୍ୟମରେ ଅନ୍‌ଲାଇନ୍‌ରେ ପିକରଣ କରିପାରିବେ। କ୍ୱିଜ୍ ଫର୍ମାଟ୍: ଲିଖିତ ପ୍ରିଲିମିନାରୀ ପରୀକ୍ଷାର ଟପ୍ ୬ ଟିମ୍ ହିଁ ଆଞ୍ଚଳିକ ଫାଇନାଲ୍ ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ। ତେବେ ଯଦି କୌଣସି ବିଦ୍ୟାଳୟର ଏକାଧିକ ଦଳ ପ୍ରିଲିମିନାରୀ ଟପ୍ ୬ରେ ଥିବେ ସେମାନଙ୍କ ମଧ୍ୟରୁ ଉକ୍ତ ବିଦ୍ୟାଳୟର ସର୍ବାଧିକ ସ୍କୋର କରିଥିବା ଦଳକୁ ଷ୍ଟେଜ୍‌କୁ ଡକାଯିବ। ଆଞ୍ଚଳିକ ଦଳଗୁଡ଼ିକର ବିଜେତାମାନେ ଡିସେମ୍ବରରେ ମୁମ୍ବାଇରେ ହେବାକୁ ଥିବା ରାଷ୍ଟ୍ରୀୟ ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜେତା ଟିମ୍ ଜଣେ ଲେଖାଏଁ ଏସ୍‌କର୍ଟ ସହ ମୁମ୍ବାଇକୁ ଉଡ଼ାଣ ଭରିବେ। ପୁରସ୍କାର: ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍ ଆଞ୍ଚଳିକ ଚାମ୍ପିଅନ୍‌ଙ୍କୁ ୬୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ମିଳିବାକୁ ଥିବାବେଳେ ରନର୍ସ ଅପ୍ ଟିମ୍‌କୁ ୪୦,୦୦୦ ଟଙ୍କା ଭାଉଚର୍ ସମେତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଓ ମେଡାଲ ମିଳିବ। ୬ ଚୂଡ଼ାନ୍ତ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ଡବଲ୍ ଡଫଲ୍ ଜିମ୍ ବ୍ୟାଗ୍, ଓଟିଜି ପେନ୍ ଡ୍ରାଇଭ୍, ଇୟର ଫୋନ୍, ବ୍ଲୁଟୁଥ୍ ସ୍ପିକର୍ ଭଳି ବିଭିନ୍ନ ପୁରସ୍କାର ମିଳିବ। ଆଞ୍ଚଳିକ ଚାମ୍ପିଅନ୍‌ମାନେ ନିଜର ଜଣେ ଶିକ୍ଷକ/ପିତାମାତାଙ୍କୁ ନେଇ ରାଷ୍ଟ୍ରୀୟ ଫାଇନାଲ୍ ପାଇଁ ମୁମ୍ବାଇ ଗସ୍ତ କରିବେ। ଟ୍ୱିଟ୍‌ର ପ୍ରତିଯୋଗିତା: ପ୍ରତି ସହରର ଆଞ୍ଚଳିକ ଫାଇନାଲ୍‌ରେ ସବୁ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ଟ୍ୱିଟର ପ୍ରତିଯୋଗିତା ହେବ। ଟପ୍ ୨ ସର୍ବାଧିକ ଟ୍ୱିଟ୍ ଏବଂ ସର୍ବଶ୍ରେଷ୍ଠ 'ଟ୍ୱିଟ୍ ଅଫ୍ ଦି ଡେ'କୁ ଡବଲ୍ ଡଫଲ୍ ଜିମ୍ ବ୍ୟାଗ୍ ଓ ବ୍ଲୁଟୁଥ୍ ସ୍ପିକର୍ ମିଳିବ। ଅନ୍ୟ ସ୍ଥାନର ଛାତ୍ରଛାତ୍ରୀଙ୍କ ପାଇଁ ଆଞ୍ଚଳିକ ଫାଇନାଲ୍‌ର ଲାଇଭ୍ ୱେବ୍‌କାଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି। ଆଞ୍ଚଳିକ ଫାଇନାଲ୍‌ର ୱେବ୍ ଷ୍ଟ୍ରିମିଂକୁ www.tcsitwiz.comରେ ଦେଖିହେବ।

ବଢ଼ିଙ୍କ ନାମରେ